# Akashvani, Sambalpur

## SAMBALPURI NEWS EVENING BULLETIN

## 26 September 2024- 7.02 pm- 7.12 pm.

********************************************

୧- କୁଶଳୀ, ଅର୍ଦ୍ଧକୁଶଳୀ ଆର୍ ଅଣକୁଶଳୀ ଶ୍ରମିକମାନ୍‌କର୍ ମଜୁରୀ ବଢ଼ାଲେ କେନ୍ଦ୍ର ସର୍‌କାର୍ ।

୨- ଦୁର୍ଗମ୍ ଇଲାକା ନ ଶେଷ୍ ଲୁକ୍‌କର୍ ପାଖେ ଜନକଲ୍ୟାଣକାରୀ ଯୋଜ୍‌ନାର୍ ସୁଫଲ୍ ପୁହୁଁଚାବାର୍ ଲାଗି ସର୍‌କାର୍ ନେଇଛନ୍ ସଂକଳ୍ପ - କହେଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ୍ ନଡ୍ଡା ।

୩- ସ୍ୱଚ୍ଛତା କ୍ଷେତ୍ରଥି ବଢ଼ିଆଁ କାମ୍ ଲାଗି ଓଡ଼ିଶାକେ ପ୍ରଶଂସା କଲେ କେନ୍ଦ୍ର ଜଳଶକ୍ତିମନ୍ତ୍ରୀ ।

ଆଉର୍

୪- ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କୁ ଆଏବା ୨୪ ଘଂଟା ଭିତ୍‌ରେ ଘଡ୍‌ଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍‌ର ସତର୍କ ସୂଚ୍‌ନା ।

ସର୍ବନିମ୍ନ ମଜୁରୀ ବୃଦ୍ଧି ପି.ଆଇ.ବି.

ଶ୍ରମିକ ଖାସ୍ କରି ଅସଂଗଠିତ୍ କ୍ଷେତ୍ରର୍ ଶ୍ରମିକ୍ ମାନ୍କର୍ ଲାଗି କେନ୍ଦ୍ର ସର୍କାର୍ ସର୍ବନିମ୍ନ ମଜୁରୀକେ ବଢ଼େଇଛନ୍ । ଦରଦାମ୍କେ ନଜର୍ଥି ରଖିକରି ନିଆଯାଇଥିବା ଇ ପଦକ୍ଷେପ୍ ନିର୍ମାଣ, ପରିମଳ, ଲୋଡିଂ ଆଉ ଅନ୍‌ଲୋଡିଂ କ୍ଷେତ୍ରର୍ ଅଣକୁଶଳୀ ଶ୍ରମିକମାନେ ଦିନ୍କ ୭ ଶହ ୮୩ ଟଙ୍କା, ଆଉ ଅର୍ଦ୍ଧକୁଶଳୀ ଶ୍ରମିକମାନେ ଦିନ୍କ ୮ ଶହ ୬୮ ଟଙ୍କା ମଜୁରୀ ପାଏବେ । ସେନ୍ତା କୁଶଳୀ, କ୍ଲାରିକାଲ୍ ଆର୍ ଓ୍ୱାଚ୍ ଆର୍ ଓ୍ୱାର୍ସ ଶ୍ରମିକମାନ୍କର୍ ଦିନ୍କ ମଜୁରୀ ୯ ଶହ ୫୪ ଟଙ୍କା ଆର୍ ଉଚ୍ଚକୁଶଳୀ ଶ୍ରମିକ୍ ମାନ୍କର୍ ଦିନକର୍ ମଜୁରୀ ୧ ହଜାର୍ ୩୫ ଟଙ୍କା ହେବା ବଲି ସର୍କାର୍ଙ୍କର୍ ତର୍ଫୁ କୁହାଯାଇଛେ । ଇ ବଢ଼ିଥିବାର୍ ମଜୁରୀ ଆଏବା ମାସର୍ ୧ ତାରିଖ୍ନୁ ଲାଗୁ ହେବା । ଶେଷ୍ଥର ଗଲା ଏପ୍ରିଲ୍ ମାସେ ଶ୍ରମିକମାନ୍କର୍ ମଜୁରୀ ବଢ଼ାଯାଇଥିଲା । ଶିଳ୍ପକ୍ଷେତ୍ରର୍ ଶ୍ରମିକ ମାନ୍କର୍ ଉପଭୋକ୍ତା ଦରଦାମ୍ ସୂଚୀ ଆଧାର୍ଥି କେନ୍ଦ୍ର ସର୍କାର୍ ମଜୁରୀର ସମୀକ୍ଷା କର୍ସନ୍ ।

ଜେ.ପି. ନଡ୍ଡା ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ଦୁର୍ଗମ୍ ଇଲାକା ନ ଥିବାର୍ ଶେଷ୍ ବ୍ୟକ୍ତିତକ୍ ଜନକଲ୍ୟାଣ୍କାରୀ କାର୍ଯ୍ୟକ୍ରମ୍ ମାନ୍କର୍ ସୁଫଲ୍ ପୁହୁଁଚାବାର୍ ଦିଗେ କାମ୍ କର୍ବାର୍କେ କେନ୍ଦ୍ର ସର୍କାର୍ ପ୍ରତିଶ୍ରୁତିବଦ୍ଧ ବଲି ଭାରତୀୟ ଜନତା ପାର୍ଟିର ଅଧ୍ୟକ୍ଷ ଆର୍ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ପ୍ରକାଶ୍ ନଡ୍ଡା କହିଛନ୍ । ଆଏଜ୍ ଓଡ଼ିଶାଗସ୍ତଥି ଆସିକରି ଶ୍ରୀ ନଡ୍ଡା ଭୁବ୍ନେଶ୍ୱର୍ ଠାନେ ବୁଦ୍ଧିଜୀବୀ ସମ୍ମିଲନୀ ନ ବିଜେପିର ସଦସ୍ୟତା ଅଭିଯାନ୍ ବାବ୍ଦେ ଆଲୋଚନା କର୍ବାର୍ ଉଲ୍ଗୁନେ କହିଛନ୍ ଯେ, ବିଜେପି ଗୁଟେ ଗଣତାନ୍ତ୍ରିକ ଦଲ୍ ଆଉ ଦଲ୍ ଆଦର୍ଶବାଦ୍ ଉପ୍ରେ ବିଶ୍ୱାସ୍ କର୍ସି । ଦେଶର୍ ଏକମାତ୍ର ରାଜନୈତିକ୍ ଦଲ୍ ଭାବେ ବିଜେପି ସମସ୍ତଙ୍କର୍ ସମର୍ଥନ୍ ହାସଲ୍ କରିଛେ ।

ଶ୍ରୀ ନଡ୍ଡା କହିଛନ୍ ଯେ, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଆଏଜ୍ ଦେଶ୍ ପୁର୍ଥିର୍ ୫ ନମ୍ବର୍ ବଡ଼ ଅର୍ଥବ୍ୟବସ୍ଥାଥି ପରିଣତ ହେଇଛେ । ଖୋବ୍ ଜଲ୍ଦି ଦେଶ୍ ୩ ନମ୍ବର୍ ବୃହତ୍ ଅର୍ଥବ୍ୟବସ୍ଥାଥି ପରିଣତ୍ ହେବା ବଲି ସେ କହିଛନ୍ । କେନ୍ଦ୍ର ସର୍କାର୍ ଲୁକ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ବାଗିର୍ ଭିନ୍ ଭିନ୍ ସୁବିଧା ଯୁଗାବାର୍ ଦିଗେ କାମ୍ କରୁଛନ୍ । ୭୦ ବରସ୍ନୁ ଅଏତ୍କା ବୟସର୍ ଲୁକ୍କୁ ଆୟୁଷ୍ମାନ୍ ଯୋଜ୍ନାଥି ସାମିଲ୍ କରାଯାଇଛେ । ଆଗ୍କେ ଇଥି ୬ କୋଟିନୁ ଅଏତ୍କା ବୟସ୍କ ଲୁକ୍କୁ ଜୁଡ଼୍ବାର୍ ଲକ୍ଷ୍ୟ ରଖାଯାଇଛେ ବଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ।

ସୂଚ୍‌ନା ଅନ୍‌ସାରେ ଶ୍ରୀ ନଡ୍ଡା ରାଜ୍ୟ ବିଜେପି ସଭାପତିଙ୍କର୍ ସହେତେ ମନ୍ତ୍ରୀ, ସାଂସଦ୍, ବିଧାୟକ୍ ଆର୍ କର୍ମକର୍ତାମାନ୍‌କର୍ ସାଙ୍ଗେ ବିଚାର୍‌ବିମର୍ଶ କରିଛନ୍ । ଇ ଗସ୍ତ ସମିଆଥି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବିଜେପି ରାଜ୍ୟସଭାପତି ମନ୍‌ମୋହନ୍ ସାମଲ୍, ବହୁତ୍ ବରିଷ୍ଠ ନେତା ଆଉ କର୍ମୀମାନେ ଯୋଗ୍ ଦେଇଥିଲେ ।

## ତମାଖୁ ବର୍ଜନ୍‌ଥି ଓଡ଼ିଶାକେ ୨ୟ ପୁରସ୍କାର୍

ଆର୍‌ଏନ୍‌ୟୁ/ସମ୍ବଲପୁର

ତମାଖୁ ବର୍ଜନ୍ କ୍ଷେତ୍ର ନ ଉତମ୍ ପ୍ରଦର୍ଶନ୍ ଲାଗି ଓଡ଼ିଶାକେ ସାରା ଦେଶେ ୨ ନମ୍ବର୍ ଠାନ୍ ମିଲିଛେ । ବିଶ୍ୱ ତମାଖୁ ବର୍ଜନ୍ ଦିବସ୍ ଉଲ୍‌ଗୁନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆୟୋଜନ୍ ଲାଗି କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟର୍ ୩ ଟା ସଂସ୍ଥା ତର୍‌ଫୁ ଓଡ଼ିଶାକେ ଇ ମାନ୍ୟତା ଦିଆଯାଇଛେ ।

ଜାତୀୟ ସ୍ୱାସ୍ଥ୍ୟ ବୀମା ମିଶନ୍‌ର ନିର୍ଦ୍ଦେଶିକା ଆରାଧନା ପଟ୍ଟନାୟକ୍ ଆର୍ ଅଲ୍‌ଗା ଅତିଥିମାନେ ଓଡ଼ିଶା ସର୍‌କାର୍‌ଙ୍କର୍ ପ୍ରତିନିଧିତ୍ୱ କରୁଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ୍

ଡାକ୍ତର୍ ନୀଳକଣ୍ଠ ମିଶ୍ରଙ୍କୁ ମାନପତ୍ର ଆଉ ଉପଢ୍ୌକନ ଦେଇକରି ସମ୍ମାନିତ୍ କରିଥିଲେ । ଗଲା ମେ ମାସର୍ ୨୦ ତାରିଖ୍‌ନୁ ଜୁନ୍ ୫ ତାରିଖ୍‌ତକ୍ ବିଶ୍ୱ ତମାଖୁ ବର୍ଜନ୍ ପକ୍ଷ ସମିଆଥି ସାରାଦେଶେ ନିଆଯାଇଥିବାର୍ ପଦକ୍ଷେପ୍ ର ଆକଲନ୍ ଅନ୍‌ସାରେ ଓଡ଼ିଶାକେ ଇ ସମ୍ମାନ୍ ଦିଆଯାଇଛେ ।

ରାଜସ୍ୱ ମାମ୍‌ଲା- ହାଇକୋର୍ଟ       ଆର୍‌ଏନ୍‌ୟୁ/ କଟକ୍

ରାଏଜେ ରାଜସ୍ୱ ପର୍ଷଦ୍ ଅଧୀନ୍‌ଥି ୧ ଲାଖ୍ ୩୧ ହଜାର୍‌ନୁ ଅଏତ୍‌କା ମାମ୍‌ଲା ବିଚାରାଧୀନ୍ ଥିବାର୍ ଜନାପଡ଼ିଛେ । ରାଜସ୍ୱ ପର୍ଷଦ୍ ସଭ୍ୟ ସି.ଜେ. ବେଣୁଗୋପାଲ୍‌ଙ୍କର୍ ତର୍‌ଫୁ ହାଇକୋର୍ଟ ନ ଦାଖଲ୍ କରାଯାଇଥିବାର୍ ସତ୍ୟପାଠ୍‌ନୁ ଇଟା ଜନାପଡ଼ିଛେ । ସ୍ୱତନ୍ତ୍ର ମାମ୍‌ଲା ମାନ୍‌କର୍ ବିଚାର୍‌ଲାଗି ୪୦ ଟା ଡିଭିଜନାଲ୍ କୋର୍ଟ ରହିଥିବାର୍ ବେଲେ ବହୁତ୍‌ଟେ ମାମ୍‌ଲା ମାନ୍‌କର୍ ବୈଷୟିକ କାରଣ୍‌ନୁ ପ୍ରାରମ୍ଭିକ୍ ଶୁଣାଣିଥି ଡେରି ହେଉଥିବାର୍ ସତ୍ୟପାଠ୍‌ଥି କୁହାଯାଇଛେ ।

ସ୍ୱଚ୍ଛତା ହିଁ ସେବା       ସମ୍ବଲ୍‌ପୁର୍/ ନୂଆପଡ଼ା

ସ୍ୱଚ୍ଛତା ହିଁ ସେବା ପକ୍ଷ ପାଲନ୍ ସମିଆଥି ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ତର୍‌ଫୁ ପ୍ଲାଷ୍ଟିକ୍‌ମୁକ୍ତ ପରିବେଶ୍ ତିଆର୍ ଲାଗି ସଚେତନତା କାର୍ଯ୍ୟକ୍ରମ୍ କରାଯାଇଛେ । ଇତାର୍‌ସହେତେ ସହରର୍ ଗୋଲ୍‌ବଜାର୍ ଇଲାକାର୍ ଭିନ୍ ଭିନ୍ ବ୍ୟବସାୟିକ ପ୍ରତିଷ୍ଠାନ୍ ଆଉ ଦୁକାନ୍‌ମାନ୍‌କର୍‌ନୁ ବେଆଇନ୍ ଘୋଷିତ୍ ପ୍ଲାଷ୍ଟିକ୍ ସାମଗ୍ରୀ ଜବତ୍ କରାଯାଇକରି ଜରିମାନା ଆଦାୟ କରାଯାଇଛେ । ୨୦୧୩ ମସିହାନୁ ମହାନଗର୍ ନିଗମ୍ ତର୍‌ଫୁ ସମ୍ବଲ୍‌ପୁର୍ ନ ପ୍ଲାଷ୍ଟିକ୍ ବେଭାର୍‌କେ ବାରଣ୍ କରାଯାଇଛେ ।

ସେନ୍ତା ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ବିଜ୍ଞାପିତ ଅଂଚଲ୍- ଏନ୍‌ଏସି ତର୍‌ଫୁ ଆଏଜ୍ ଗୁଟେ ରକ୍ତଦାନ୍ ଶିବିର କରାଯାଇଥିଲା । ଇନ ୩୧ ଝନ୍ ସ୍ୱଇଚ୍ଛାଥି ରକ୍ତଦାନ୍ କରିଥିଲେ । ଶିବିର୍‌କେ ନଗର୍‌ପାଲ୍ ଉଜ୍ୱଲ୍ ଗୁପ୍ତାଙ୍କର୍ ଦ୍ୱାରା ଉଦ୍‌ଘାଟନ୍ କରାଯାଇଥିଲା ।

କେନ୍ଦ୍ର ଜଳଶକ୍ତିମନ୍ତ୍ରୀଙ୍କର୍ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ସ୍ୱଚ୍ଛତା କ୍ଷେତ୍ର ନ ଦେଶେ ଓଡ଼ିଶା ଉନ୍ନତ ପ୍ରଦର୍ଶନ୍ କରିଛେ ବଲି କେନ୍ଦ୍ର ଜଳଶକ୍ତିମନ୍ତ୍ରୀ ଚନ୍ଦ୍ରକାନ୍ତ ରଘୁନାଥ ପାଟିଲ୍ କହିଛନ୍ । ପୁରୀ ଜିଲ୍ଲାର୍ ସୁଆଣ୍ଡୋ ଠାନେ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ଅବ୍‌ସରେ ଗୁଟେ ଜନସଭାଥି ସେ କହିଛନ୍ ଯେ, ଓଡ଼ିଶାର୍

ପାଖାପାଖି ସବୁ ଗାଁ ନ ଶୌଚାଳୟ ନିର୍ମାଣ କରାଯାଇଛେ। ସ୍ୱଚ୍ଛତା ଅଭିଯାନ୍‌ର ସଫଲତାଥି ମହିଳାମାନ୍‌କର୍ ବଡ଼ ଭୂମିକା ରହିଛେ। ସ୍ୱଚ୍ଛତା ଗୁଟେ ପ୍ରକାରର୍ ସେବା ହେବାର୍ ସହେତେ ସୁରକ୍ଷା ଭିଲ୍ ଆଏ ବଲି ଶ୍ରୀ ପାଟିଲ କହିଛନ୍। ମନ୍ତ୍ରୀ ଶ୍ରୀ ପାଟିଲ୍ ଇ ଗସ୍ତ ସମିଆଥି ଉତ୍କଳମଣି ଗୋପବନ୍ଧୁ ଦାସଙ୍କର୍ ଜନ୍ମସ୍ଥାନ ସୁଆଣ୍ଡୋ ଗାଁ ନ 'ଏକ୍ ପେଡ଼୍ ମା କେ ନାମ୍' କାର୍ଯ୍ୟକ୍ରମ୍‌ଥି ଚାରାରୋପଣ୍ ଅଭିଯାନ୍‌ଥି ଭାଗ୍ ନେଇଥିଲେ। ସେ ଉତ୍କଳମଣି ସ୍ମାରକୀ ସଂଗ୍ରହାଳୟ ଆଉ ବିଦ୍ୟାଧର୍‌ପୁର୍ ଗାଁ ପରିଦର୍ଶନ୍ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପାଟିଲ ବିଦ୍ୟାଧର୍‌ପୁର୍ ଗ୍ରାମ୍‌ପଂଚାୟତ୍ ନ ସ୍ୱଚ୍ଛ ଭାରତ୍ ମିଶନ୍ କାର୍ଯ୍ୟକାରିତାର ତଦାରଖ୍ କରିଥିଲେ। ଇ ଅବ୍‌ସରେ ସେ ସ୍ୱଚ୍ଛତା ଆଉ ବର୍ଜ୍ୟବସ୍ତୁ ପରିଚାଳନାର୍ ଲାଗି ନୂଆପଡ଼ା, ପୁରୀ, ସୁନ୍ଦର୍‌ଗଡ଼୍ ଆର୍ ଖୋର୍ଦ୍ଧା ଜିଲ୍ଲାକେ ପୁରସ୍କୃତ୍ କରିଥିଲେ।

ଇତାର୍ ଆଗ୍‌ରୁ ଭୁବ୍‌ନେଶ୍ୱର୍ ଠାନେ ଶ୍ରୀ ପାଟିଲ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ସାଙ୍ଗେ ସାକ୍ଷାତ୍ ଆଲୋଚନା କରିଛନ୍। ଇ ବାବ୍‌ଦେ ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ପିଇବାର୍ ପାଏନ୍ ଯୋଗାଣ, ଜଳ ଉତ୍ସର ପୁନରୁଦ୍ଧାର୍ ଆର୍ ଜଲ୍‌ସମ୍ପଦ୍‌ର ସଠିକ୍ ବେଭାର୍ ବାବ୍‌ଦେ ଆଲୋଚନା ହେଇଛେ। ଜଲ୍‌ଶକ୍ତି ବାବ୍‌ଦର୍ ଭିନ୍ ଭିନ୍ ପ୍ରକଳ୍ପର୍ ଥିତି ବାବ୍‌ଦେ ଭିଲ୍

କେନ୍ଦ୍ର ଜଳଶକ୍ତିମନ୍ତ୍ରୀଙ୍କର୍ ସହେତେ ଆଲୋଚନା ହେଇଥିଲା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଉନ୍ନତ ଗ୍ରାମ ଯୋଜ୍‌ନା        ଦେବ୍‌ଗଡ଼୍/ ନୂଆପଡ଼ା

ଦେବ୍‌ଗଡ଼୍ ଜିଲ୍ଲା ନ ପ୍ରଧାନ୍‌ମନ୍ତ୍ରୀ ଜନଜାତୀୟ ଉନ୍ନତ ଗ୍ରାମ୍ ଯୋଜ୍‌ନାର୍ ଲାଗି ୩ ଟା ବ୍ଲକ୍‌ର ୫୨ ଟା ଗାଁ ନ ଜନସଚେତନତା ସୃଷ୍ଟି କରାଯିବା । ଇ ବାବ୍‌ଦେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତା ନ ଆଏଜ୍ ଗୁଟେ ତୟାରି ବୈଠକ୍ ହେଇଥିଲା । ଇ ଅଭିଯାନ୍‌ଥି ୧୭ ଟା ବିଭାଗ୍ ସାମିଲ୍ ହେବେ । ଇନ ରାଜସ୍ୱ, ପରିବହନ୍, ସାମାଜିକ୍ ସୁରକ୍ଷା, ସମାଜ୍ ମଙ୍ଗଳ ବାଗିର୍ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ସାମିଲ୍ ହେଇଥିଲେ ।

ହେନ୍ତା ନୂଆପଡ଼ା ଜିଲ୍ଲା ନ ଇ ଅଭିଯାନ୍‌ଥି ଜିଲ୍ଲାର୍ ସବୁ ଯୋଗ୍ୟ ଆଦିମ ଜନଜାତି ଆଉ ଆଦିବାସୀ ମାନ୍‌କୁ ସାମିଲ୍ କରିକରି ସେମାନ୍‌କର୍ ସର୍ବାଙ୍ଗୀନ ଉନ୍ନତି ସାଧନ୍ କରାଯିବା ବଲି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଥିର୍ କରାଯାଇଛେ । ୧୭ ଟା ବିଭାଗ୍ ଜରିଏ ୨୫ ଟା କାର୍ଯ୍ୟକ୍ରମ୍‌କେ ଯୋଗ୍ୟ ଗାଁ ମାନ୍‌କେ କାର୍ଯ୍ୟକାରୀ କରାଯିବା । ଯୋଗ୍ୟ ହିତାଧିକାରୀମାନ୍‌କୁ ପକ୍କା ଘର୍,

ସଡ଼କ୍, ଆତ୍ମନିଯୁକ୍ତି, ସ୍ୱାସ୍ଥ୍ୟ, ପ୍ରଶିକ୍ଷଣ୍, ଶିକ୍ଷା, ସେବା ଯୁଗେଇ ଦିଆଯିବା ବଲି କୁହାଯାଇଛେ ।

ସ୍ୱଚ୍ଛତା ହିଁ ସେବା-୨ ନୂଆପଡ଼ା/ ସୁବର୍ଣ୍ଣପୁର୍

ସେବା ପକ୍ଷ ଆଉ ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ଥି ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ବ୍ଲକସ୍ତରୀୟ ସଫେଇ ମିତ୍ର ଶିବିର୍ ଅନୁଷ୍ଠିତ୍ ହେଇଯାଇଛେ । ସ୍ୱଭାବ ସ୍ୱଚ୍ଛତା, ସଂସ୍କାର୍ ସ୍ୱଚ୍ଛତା ଉପ୍‌ରେ ଗୁଟେ ସାମୂହିକ୍ ସଂକଳ୍ପ ପାଠ ଆଉ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର୍ କରାଯାଇଥିଲା । ଇନ ଗ୍ରାମୀଣ ସଫେଇ ମିତ୍ରମାନ୍‌କୁ ପରିମଳ ସାରଞ୍ଜାମ୍ ଦିଆଯିବାର୍ ଉତ୍‌ରୁ ଗୁଟେ ସଚେତନତା ପଟୁଆର୍ କରାଯାଇଥିଲା ।

ହେନ୍ତା ନୂଆପଡ଼ା ଜିଲ୍ଲା କୋମ୍‌ନା ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାନେ ସମ୍ପୂର୍ଣ୍ଣତା ଅଭିଯାନ୍‌ଥି ସୁଷମ ଖାଦ୍ୟ ଆଉ ନିରୋଗ୍ ସ୍ୱାସ୍ଥ୍ୟ ଉପ୍‌ରେ ସାଇକିଲ୍ ଶୋଭାଯାତ୍ରା କରାଯାଇଥିଲା । ସାଇକିଲ୍ ଆରୋହୀମାନେ କୋମ୍‌ନା କଲେଜ୍‌ନୁ ବାହାରିକରି ଟିକ୍‌ରାପଡ଼ାତକ୍ ଯାଇଥିଲେ ।

ପୂଜା ଶାନ୍ତି କମିଟି ବୈଠକ୍ ସମ୍ବଲପୁର/ଝାର୍‌ସୁଗୁଡ଼ା

ସମ୍ବାଦଦାତା

ସମ୍ବଲ୍‌ପୁର୍ ନ ଦୁର୍ଗାପୂଜା ବାବ୍‌ଦେ ସମନ୍ୱୟ ସମିତିର୍ ଗୁଟେ ବୈଠକ୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତା ନ ଆଏଜ୍ ଜିଲ୍ଲାପରିଷଦ୍ ସମ୍ମିଳନୀ କକ୍ଷ ଠାନେ ହେଇଥିଲା । ଇନ ଭିନ୍ ଭିନ୍ ପୂଜା କମିଟିର୍ କର୍ମକର୍ତାମାନେ ରହିକରି ପୂଜାକେ ଶାନ୍ତିଶୃଙ୍ଖଲାଥି କର୍‌ବାର୍ ବାବ୍‌ଦେ ଆଲୋଚନା କରିଥିଲେ । ଏସ୍.ପି. ଆଉ ଭିନ୍ ଭିନ୍ ଥାନାର୍ ପୁଲିସ ଅଧିକାରୀମାନେ ଭିଲ୍ ବୈଠକ୍‌ଥି ଉପସ୍ଥିତ୍ ଥିଲେ ।

ହେନ୍ତା ଝାର୍‌ସୁଗୁଡ଼ା ନ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ୍‌ଥି ଦୁର୍ଗାପୂଜା ପାଳନ୍ କର୍‌ବାର୍ ଲାଗି ପ୍ରଶାସନ୍ ଆର୍ ପୂଜା କମିଟି ମାନ୍‌କର୍ ବୈଠକ୍‌ଥି ଥିର୍ କରାଯାଇଛେ । ପୂଜା ସମିଆଥି ଜିଲ୍ଲାର୍ ଝାର୍‌ସୁଗୁଡ଼ା, ବ୍ରଜରାଜ୍‌ନଗର୍ ଆଉ ବେଲ୍‌ପାହାଡ଼୍ ସହରାଂଚଲ୍ ନ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପିଇବାର୍ ପାଏନ୍ ଯୋଗାଣ, ଦର୍‌କାର୍ ଜାଗା ନ ବେରିକେଡ୍ ଲଗାବାର୍ ଲାଗି ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍‌ୱଣେ ନିର୍ଦ୍ଦେଶ୍ ଦେଇଥିଲେ । ପୂଜା ମଣ୍ଡପ୍‌ମାନ୍‌କର୍ ସୁରକ୍ଷା, ବିଦ୍ୟୁତ୍ ସଂଯୋଗ୍ ଆର୍ ଡାକ୍‌ବାଜି ଯନ୍ତ୍ର ବେଭାର୍ ଦିଗେ କମିଟିମାନେ ଯତ୍ନବାନ୍ ହେବାର୍‌କେ ପରାମର୍ଶ ଦିଆଯାଇଛେ । ଆଏବା ମାସର୍ ୧୩ ଆଉ ୧୪ ତାରିକ୍ ଭସାଣୀ ଉତ୍ସବ୍ କରାଯିବା ବଲି ବୈଠକ୍ ନ ଥିର୍ କରାଯାଇଥିଲା ।

ନିଯୁକ୍ତି ମେଳା-ବୌଦ୍ଧ           ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ପୁର୍ନାକଟକ୍ର ଟାଉନ୍ହଲ୍ ଠାନେ ଆଏଜ୍ ପ୍ରଶାସନ୍ ତର୍ଫୁ ଗୁଟେ ନିଯୁକ୍ତି ମେଳା କରାଯାଇଛେ । ଇଥି ୩ ଶହ ୬୯ ଝନ୍ ପଞ୍ଜିକରଣ୍ କରିଥିଲେ । ଶିବିର୍ ନ ୧୫ ଟା କମ୍ପାନୀ ତର୍ଫୁ ଶହେ ୭୮ ଝନ୍କୁ ସିଧାସଲଖ୍ ନିଯୁକ୍ତି ଆଉ ୮ ଟା ପ୍ରଶିକ୍ଷଣ୍ ସଂସ୍ଥା ତର୍ଫୁ ଶହେ ୨୨ ଝନ୍କୁ ବଛାଯାଇଥିଲା । ଶିବିର୍ ନ କେତେଝନ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା ।

ହୃଦ୍ରୋଗ ଯାଂଚ୍ ଶିବିର         କଲାହାଣ୍ଡି ସମ୍ବାଦଦାତା

କେନ୍ଦ୍ର ସର୍କାର୍ଙ୍କର୍ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟ ତର୍ଫୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ୍ ଜରିଏ ଆଏଜ୍ କଲାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନ ମାହାଲିଆ ସ୍ୱାସ୍ଥ୍ୟ ଯାଂଚ୍ ଶିବିର କରାଯାଇଥିଲା । ଇନ ହୃଦ୍ରୋଗ ପିଡ଼ିତ ୧୮ ବଛର୍ନୁ କମ୍ ବୟସର୍ କଲାହାଣ୍ଡି ଆର୍ ଆଖର୍ପାଖର୍ ଇଲାକାର୍ ଶହେ ୨ ଝନ୍ ଛୁଆ ଆସିଥିଲେ । ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ୍ ଅନୁବନ୍ଧିତ୍ ନାରାୟଣ୍ ହୃଦାଳୟ,

ମୁମ୍ବାଇର୍ ହୃଦ୍‌ରୋଗ ବିଶେଷଜ୍ଞମାନେ ଛୁଆମାନ୍‌କର୍ ସ୍ୱାସ୍ଥ୍ୟ ଯାଂଚ୍ କରିଥିଲେ ।

କଲ୍‌ରାପତ୍‌ରିଆ ବାଘ-ଶରୀର ଉଦ୍ଧାର୍         ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୋଢ଼ୋହଲ୍ ସଂରକ୍ଷିତ୍ ଜଙ୍ଗଲ୍ ନ ଗଲାକାଏଲ୍ ଗୁଟେ କଲ୍‌ରାପତ୍‌ରିଆ ବାଘ୍‌ର ମଲାଦେହ ଉଦ୍ଧାର୍ କରାଯାଇଛେ । ଇତାକେ ଜଙ୍ଗଲ୍‌ର କୁଚୁଢ଼ା ଲେଙ୍ଗେରେପାକୁ ରାସ୍ତା ନ ଠାବ୍ କରାଯାଇଥିଲା । ଖବର୍ ପାଇକରି ଜଙ୍ଗଲ୍ ବିଭାଗ୍‌ର ଅଧିକାରୀମାନେ ଘଟ୍‌ନାଜାଗା ନ ପୁହୁଁଚିଥିଲେ । ଇ ବାଘ୍‌ର ସ୍ୱାଭାବିକ୍ ମୃତ୍ୟୁ ହେଇଥିବା ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ କହିଛନ୍ ।

ପାଣିପାଗ       ଆର୍‌ଏନ୍‌ୟୁ/ କଟକ୍

ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ଜାରି ରହିଛେ । କେତେଟା ଜିଲ୍ଲା ନ ଅତି ପ୍ରବଲ୍ ବର୍ଷା ରେକର୍ଡ଼ କରାଯାଇଛେ । ଲଘୁଚାପ୍ ଧିରେ ଧିରେ ଦୁର୍ବଲ୍ ହେଉଛେ ବଲି ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍

କେନ୍ଦ୍ର ତର୍ଫୁ ସୂଚ୍ନା ମିଲିଛେ । ଆଏବା ୨୪ ଘଂଟା ଭିତ୍ରେ ବଲାଙ୍ଗିର୍, ନୂଆପଡ଼ା, ବର୍ଗଡ୍, ଝାର୍ସୁଗୁଡ଼ା, ସୁନ୍ଦର୍ଗଡ୍, କନ୍ଧମାଲ୍ ସହେତେ ଦକ୍ଷିଣ ଆଉ ସମୁଦ୍ରକୂଲିଆ ଜିଲ୍ଲାମାନ୍କେ ଘଡ୍ଘଡ଼ି ସହେତେ ବର୍ଷା ହେବା ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।